# NATIONAL NEWS BULLETIN (ODIA)

## 14 March - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ଦିବ୍ୟାଙ୍ଗ ଜନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି - କହିଲେ ରାଷ୍ଟ୍ରପତି ।
- ଦୁଇଦିନିଆ ଆସାମ ଗସ୍ତ ଅବସରରେ ଆଜି ସିଲଚରଠାରେ ୨୩ହଜାର ୫୫୦କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ପୁଞ୍ଜିନିବେଶ ଓ ବିନିର୍ମାଣ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଏକ ପସନ୍ଦଯୋଗ୍ୟ ଦେଶଭାବେ ଉଭା ହୋଇଛି - ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସୂଚନା ।
- ଅନ୍‌ଲାଇନ୍ ଅପରାଧର ସମୟୋଚିତ ଅନୁସନ୍ଧାନ କରି ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସ୍ୱରାଷ୍ଟ୍ର ସଚିବଙ୍କ ଗୁରୁତ୍ୱାରୋପ ।

ଏବଂ

- ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ ୨୦୨୬ର ଫାଇନାଲରେ ପ୍ରବେଶ କଲା ଭାରତୀୟ ମହିଳା ଦଳ ।

## ପ୍ରେଜ୍ ପର୍ପଲ ଫେଷ୍ଟ

ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ଦିବ୍ୟାଙ୍ଗ ଜନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ପର୍ପଲ ଫେଷ୍ଟରେ ଉଦ୍‌ବୋଧନ ଦେଇ ଏଭଳି ମହୋତ୍ସବ ଦିବ୍ୟାଙ୍ଗ ଜନଙ୍କର ସାମର୍ଥ୍ୟ ଉପରେ ଆଲୋକପାତ କରିଥାଏ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି ସାହିତ୍ୟ, କ୍ରୀଡ଼ା, ବିଜ୍ଞାନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ବର୍ଗର ଲୋକେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଦିବ୍ୟାଙ୍ଗ ଜନଙ୍କ କଲ୍ୟାଣ ଲାଗି ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଦିବ୍ୟାସା କେନ୍ଦ୍ର ଏବଂ ସୁଗମ୍ୟ ଭାରତ ଅଭିଯାନ ଭଳି ବିଭିନ୍ନ ସରକାରୀ ଯୋଜନା ସଫଳତା ଉପରେ ଅବତାରଣା କରିଛନ୍ତି । ଏହି ଯୋଜନାଗୁଡ଼ିକ ମାଧ୍ୟମରେ ଦିବ୍ୟାଙ୍ଗ ଜନମାନେ ଆତ୍ମନିର୍ଭର ହୋଇପାରିବାର ସୁଯୋଗ ସୃଷ୍ଟି ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଏହି ବର୍ଗର ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ

ଭୂମିକା ଉପରେ ରାଷ୍ଟ୍ରପତି ଆଲୋକପାତ କରିବା ସହିତ ସେମାନଙ୍କର ଅଭିବୃଦ୍ଧି ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି ।

**V/O (Prez Murmu)**

# ପିଏମ୍-ଆସାମ

ଦେଶର ଚାଷୀମାନଙ୍କର କଲ୍ୟାଣ ନିମନ୍ତେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଦୁଇଦିନିଆ ଆସାମ ଗସ୍ତ ଅବସରରେ ଗତକାଲି ଗୌହାଟୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ପ୍ରଦାନ କରି ସେ ଏହା କହିଛନ୍ତି । ଏହି ଯୋଜନାର ଉପକାରିତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O (PM Sanman Nidhi)**

ଦେଶର କୃଷିକ୍ଷେତ୍ରକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ କରାଇବା ସହିତ କୃଷକମାନଙ୍କ ଆୟକୁ ପ୍ରୋତ୍ସାହନ ଦେବା ଦିଗରେ ସରକାର ଗତ ୧୧ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିବିଧ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି...

**V/O (PM Agri Scheams)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୯ହଜାର ୬୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ସିଲଚର ଗସ୍ତ କରି ୨୩ହଜାର ୫୫୦କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ପିଏମ୍-କୋଲକାତା ଭିଜିଟ୍

ଦୁଇଦିନିଆ ଆସାମ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତା ଅଭିମୁଖେ ଯାତ୍ରା କରିବେ । ସେଠାରେ ଶ୍ରୀ ମୋଦୀ ପ୍ରାୟ ୧୮ହଜାର ୬୮୦ କୋଟି ଟଙ୍କା ମୂଲ୍ୟର ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ମୁଖ୍ୟତଃ ସଡ଼କ ପରିବହନ, ବନ୍ଦର, ରେଳବାଇ ଭଳି ପ୍ରାଥମିକ କ୍ଷେତ୍ରର ଭିତ୍ତିଭୂମି ସଶକ୍ତିକରଣ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ଆୟୋଜିତ ହେବାକୁଥିବା ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଭିପି-ହିମାଚଳ ପ୍ରଦେଶ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ହିମାଚଳ ପ୍ରଦେଶ ଗସ୍ତରେ ଯିବେ । କାଙ୍ଗରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବରେ ଶ୍ରୀ ରାଧାକୃଷ୍ଣନ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ଉପରାଷ୍ଟ୍ରପତି ଧର୍ମଶାଳାରେ ଥିବା ଯୁଦ୍ଧସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ।

## ଗୋଏଲ-ଏନ୍‌ଏକ୍ସଟି ସମିଟ

ପୁଞ୍ଜିନିବେଶ ଓ ବିନିର୍ମାଣ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଏକ ପସନ୍ଦଯୋଗ୍ୟ ଦେଶଭାବେ ଉଭା ହୋଇଛି ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ନେକ୍ସଟ ସମ୍ମିଳନୀ ୨୦୨୬ରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋଏଲ ଭାରତ ବର୍ତ୍ତମାନ ବିଶ୍ୱ ବଜାରକୁ ଆୟତ୍ତାଧୀନ କରିବା ଦିଗରେ ସଫଳତାର ସହ ଅଗ୍ରସର ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି । ଦେଶରେ ନୂତନ ପୁଞ୍ଜିନିବେଶ ସ୍ଥିତି ସୃଷ୍ଟିକରିବା, ଉତ୍ପାଦନ କ୍ଷେତ୍ରକୁ ଅଧିକ ସମ୍ପ୍ରସାରିତ କରିବା ସହିତ ନବସୃଜନ ଭିତ୍ତିକ

ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେଇ ଭାରତ ସମ୍ପ୍ରତି ବିଭିନ୍ନ ମୁକ୍ତବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିଛି ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଦେଶରେ ସୁବିଧାରେ କିଭଳି ବ୍ୟାବସାୟିକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରାଯିବା ସହିତ ଏ ଦିଗରେ ଥିବା ପ୍ରତିବନ୍ଧକ ଗୁଡ଼ିକୁ ଦୂର କରାଯାଇପାରିବ ସେ ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଗୋଏଲ କହିଛନ୍ତି ।

## ହୋମ୍ ସେକ୍ରେଟାରୀ–ଅନ୍‌ଲାଇନ କ୍ରାଇମ୍

ଦେଶର ବିଭିନ୍ନ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନ୍‌ଲାଇନ୍ ଅପରାଧର ସମୟୋଚିତ ଅନୁସନ୍ଧାନ କରି ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଅନ୍‌ଲାଇନ୍ ଅପରାଧ ସମ୍ପର୍କିତ ଜାତୀୟସ୍ତରୀୟ ସମ୍ମିଳନୀର ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଦେଶରେ କ୍ରମବର୍ଦ୍ଧିଷ୍ଣୁ ଅନ୍‌ଲାଇନ୍ ଅପରାଧ ହାର ଉପରେ ଆଲୋକପାତ କରି ଏହାର ସଫଳ

ମୁକାବିଲା ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିଜର ଢ଼ାଞ୍ଚାଗତ କ୍ଷମତାକୁ ଅଧିକ ସଶକ୍ତ କରିବା ଲାଗି ସ୍ୱରାଷ୍ଟ୍ର ସଚିବ ପରାମର୍ଶ ଦେଇଛନ୍ତି । ବିଶେଷକରି ମହିଳା ଓ ଶିଶୁମାନଙ୍କ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## ଶାହା-ପଞ୍ଜାବ ର୍‌ୟାଲି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ କିଲି ଚେହେଲାଁଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ବିଜେପି ପକ୍ଷରୁ ସେଠାରେ ଏହି ବଦ୍‌ଲାଓ୍ୱ ର୍‌ୟାଲି ଆୟୋଜନ କରାଯାଉଛି । ରେଳ ରାଷ୍ଟ୍ରମନ୍ତ୍ରୀ ରାଭନୀତ ସିଂହ ବିଟୁଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତୃବୃନ୍ଦ ଏହି ର୍‌ୟାଲିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

# ରାୟପୁର-ଆଦିପର୍ବ ଫେଷ୍ଟିଭାଲ

ଛତିଶଗଡର ରାୟପୁରଠାରେ ଗତକାଲିଠାରୁ ଆଦିପରବ ମହୋତ୍ସବ ଆରମ୍ଭ ହୋଇଛି । ଏହି ଦୁଇଦିନିଆ ମହୋତ୍ସବରେ ଓଡ଼ିଶା, ଛତିଶଗଡ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ଜନଜାତି ଲୋକନୃତ୍ୟ କଳାକାରମାନେ ଅଂଶଗ୍ରହଣ କରିଛନ୍ତି । ବିଭିନ୍ନ ପାରମ୍ପରିକ ଜନଜାତି ପୋଷାକ ପରିଧାନ କରି ଯୁବବର୍ଗ ଏହି ମହୋତ୍ସବରେ ଜନଜାତି ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ କରିଥାନ୍ତି । ଚଳିତବର୍ଷ ଏହି ମହୋତ୍ସବର ବିଷୟବସ୍ତୁ ରହିଛି ପରମ୍ପରାରୁ ପରିଚୟ ପର୍ଯ୍ୟନ୍ତ । ଏହି ଅବସରରେ ଜନଜାତି ଚିତ୍ରକଳା ପ୍ରଦର୍ଶନୀ-ଆଦିରଙ୍ଗ ଏବଂ ଜନଜାତି ହସ୍ତଶିଳ୍ପ ମେଳା-ଆଦିହାଟର ଆୟୋଜନ କରାଯାଇଛି । ଏହି ଆଦିହାଟରେ ଛତିଶଗଡରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ହସ୍ତଶିଳ୍ପ, ଜଙ୍ଗଲଜାତ ଉତ୍ପାଦ ଏବଂ ପାରମ୍ପରିକ ଦ୍ରବ୍ୟ ପ୍ରଦର୍ଶିତ ହେଉଛି ।

# ନେପାଳ-ଇଣ୍ଡିଆ ରିଲେସନ୍ସ

ନେପାଳର ନୂତନ ସରକାର ଭାରତ ସହ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ପଦକ୍ଷେପ ନେବେ ବୋଲି ଭାରତରେ ଅବସ୍ଥାପିତ ନେପାଳ ରାଷ୍ଟ୍ରଦୂତ ଶଙ୍କରପ୍ରସାଦ ଶର୍ମା ଆଶାବ୍ୟକ୍ତ କରିଛନ୍ତି । ନେପାଳର ସଂସଦ ନିର୍ବାଚନ ଠିକ୍ ସମୟରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବାରୁ ଏହା ଦେଶର ଏକ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରତିଫଳନ ବୋଲି ସେ କହିଛନ୍ତି । ଭାରତ-ନେପାଳ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି ଉଭୟଦେଶ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିଆସିଛି ଏବଂ ନୂତନ ସରକାର ଏହି ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା ଦିଗରେ ପ୍ରଚେଷ୍ଟା ଜାରି ରଖିବେ ।

## ଏଫ୍ଆଇଏଚ୍ ଓ୍ୱେମେନ୍ସ ହକି

ଭାରତୀୟ ମହିଳା ହକି ଦଳ ଏଫ୍ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ ୨୦୨୬ର ଫାଇନାଲରେ ପ୍ରବେଶ କରିଛନ୍ତି । ଗତକାଲି ତେଲଙ୍ଗାନାର ଜିଏମ୍ସି ବାଲାଯୋଗୀ ହକି ପଡ଼ିଆରେ ଅନୁଷ୍ଠିତ ସେମିଫାଇନାଲରେ ଭାରତୀୟ ଦଳ ଇଟାଲୀକୁ ୧-୦ରେ ପରାସ୍ତ କରିଛନ୍ତି । ଦଳପକ୍ଷରୁ

ମନୀଷା ଚୌହ୍ୱାନ ଖେଳର ୪୦ମିନିଟ୍ ସମୟରେ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଫାଇନାଲରେ ଇଂଲଣ୍ଡକୁ ଭେଟିବ ।